## ବ୍ୟାଣ୍ଡପାର୍ଟି ଗାଡ଼ି ମାଲିକ ଗଣିଲେ ୨୫ ହଜାର

**ଖଣ୍ଡପଡ଼ା(ସ୍ୱ.ପ୍ର.):** କୋଭିଡ୍ କଟକଣା ଉଲ୍ଲଂଘନ କରି ମଙ୍ଗଳବାର ରାତିରେ ଖଣ୍ଡପଡ଼ା ବ୍ଲକ ବେଣାଗଡିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ଗ୍ରାମରେ ଏକ ବିବାହ ଉତ୍ସବରେ ବ୍ୟାଣ୍ଡପାର୍ଟି ଗାଡି ବ୍ୟବହାର କରାଯାଇଥିଲା। ଏହି ଗାଡ଼ିକୁ ଖଣ୍ଡପଡ଼ା ପୋଲିସ ଜବତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ପରେ କୋଭିଡ୍-୧୯ ନିୟମାନୁଯାୟୀ ଉକ୍ତ ବ୍ୟାଣ୍ଡପାର୍ଟି ଗାଡ଼ି ମାଲିକ ଜରିମାନା ବାବଦରେ ସରକାରଙ୍କୁ ୨୫ ହଜାର ଟଙ୍କା ଡଣ୍ଡ ଗଣିଛନ୍ତି। ଖଣ୍ଡପଡା ତହସିଲଦାର ପାର୍ଥସାରଥି ହାଁସଦା ଓ ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଉପସ୍ଥିତିରେ ଜରିମାନା ବାବଦ ଅର୍ଥ ଆଦାୟ କରାଯାଇଛି।

**ସଂକ୍ଷେପରେ**

## ଦୁଇ ଅଙ୍କ ତଳେ କରୋନା ସଂକ୍ରମଣ

**କେନ୍ଦ୍ରାପଡ଼ା ଅଫିସ, ୪।୧୨:** କେନ୍ଦ୍ରାପଡ଼ା ଜିଲାରେ କରୋନା ସଂକ୍ରମଣ ନିମ୍ନଗାମୀ ହୋଇଛି। ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୭ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ତେବେ ଜୁଲାଇ ୧୩ ପରେ ଏହା ସର୍ବନିମ୍ନ ବୋଲି ତଥ୍ୟ ମିଳିଛି। ଆଳି ଅଞ୍ଚଳରେ ଗତ ଏପ୍ରିଲ ୭ରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲା। ଜୁଲାଇ ଶେଷ ପର୍ଯ୍ୟନ୍ତ ସୀମିତ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ଅଗଷ୍ଟଠାରୁ ଏହାର ପ୍ରଭାବ ଜିଲା ସାରା ଦେଖିବାକୁ ମିଳିଥିଲା। ଏପରି କି ସେପ୍ଟେମ୍ବର ୧୩ରେ ସର୍ବାଧିକ ୧୫୬ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଅଗଷ୍ଟ ୨୦ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ୫୦ରୁ ୧୫୦ ଜଣ ପର୍ଯ୍ୟନ୍ତ ଆକ୍ରାନ୍ତ ହେଉଥିଲେ। ଅଦ୍ୟାବଧି ଜିଲାରେ ୮,୭୫୮ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୮୫୫୬ ସୁସ୍ଥ ହୋଇଛନ୍ତି। କରୋନା ସଂକ୍ରମଣରେ ୨୭ ଜଣଙ୍କ ପ୍ରାଣହାନି ହୋଇଥିବା ବେଳେ ଜଣେ ବ୍ୟକ୍ତିଙ୍କର ଅନ୍ୟ କାରଣରୁ ମୃତ୍ୟୁ ହୋଇଛି। ବର୍ତ୍ତମାନ ୧୭୪ ଚିକିତ୍ସାଧୀନ ଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି।

## ହୋଇପାରୁନି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା

**ଖଣ୍ଡପଡ଼ା,୪।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ଏନ୍ଏସି ପକ୍ଷରୁ ୧ମାସ ତଳେ ସହରର ବାଇପାସ୍ ରାସ୍ତା, ୧ନଂ. ୱାର୍ଡ, ମା' ପାଟଚଣ୍ଡୀ ମନ୍ଦିର ଓ ସୁନାମୁହଁ ପରିବେଶ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକୀକରଣ ନିମନ୍ତେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ଏଲ୍ଇଡି ଲାଇଟ୍ ଲଗାଯାଇଛି। ହେଲେ ବିଦ୍ୟୁତ୍ ସଂଯୋଗୀକରଣରେ ବିଳମ୍ବ ହେଉଥିବାରୁ ରାତିହେଲେ ରାସ୍ତାଗୁଡିକ ଅନ୍ଧାରରେ ରହୁଛି। ତୁରନ୍ତ ବିଦ୍ୟୁତ୍ ସଂଯୋଗ କରାଯାଇ ଏଲ୍ଇଡି ଲାଇଟ୍‌ଗୁଡିକୁ କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀ କହନ୍ତି, ଆଉ କିଛି ସ୍ଥାନରେ ଏହି ଆଲୋକୀକରଣ ବ୍ୟବସ୍ଥା କରାଯାଉଛି। ଏହା ଶେଷହେବା ପରେ ଆସନ୍ତା ୨ମାସ ମଧ୍ୟରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଯିବ।

## ପରୀକୁ ନ୍ୟାୟ ଦାବିରେ ଅନଶନ

**ବରୀ,୪।୧୨(ଡି.ଏନ.ଏ.):** ନୟାଗଡ଼ର କୁନିଝିଅ ପରୀକୁ ନ୍ୟାୟ ଦାବିରେ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ ଅନଶନ କରାଯାଇଛି। ଯୁବ ସାମାଜିକ କର୍ମୀ ସତ୍ୟରଞ୍ଜନ କର, ରମାଦେବୀ ଆଶ୍ରମ ସଭ୍ୟ ରମାକାନ୍ତ ମଣ୍ଡଳ, ଦ୍ୱୀପାଞ୍ଚଳ ପରିଷଦ ସଭାପତି କୁଳମଣି ଶୁକ୍ଳ, ସମ୍ପାଦକ ପ୍ରଶାନ୍ତ ପଡ଼ିହାରୀ ପ୍ରମୁଖ ଅନଶନରେ ବସିଥିଲେ। ବରୀ କଂଗ୍ରେସ ନେତା ଉମେଶ ଜେନା, ଯାଜପୁର ଜିଲା କଂଗ୍ରେସ ସଂଯୋଜକ ଅମରେଶ ପରିଡ଼ା ଓ ପ୍ରବୀଣ ଦାସ ପହଞ୍ଚି ସମର୍ଥନ ଜଣାଇଥିଲେ। ପରୀକୁ ନ୍ୟାୟ ଦେବା କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅନଶନଧାରୀ ମତ ରଖିଥିଲେ। ଶେଷରେ ତହସିଲଦାରଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଅଙ୍ଗନୱାଡ଼ି, ଆଶାକର୍ମୀଙ୍କ ତାଲିମ ଶିବିର

**ଦଶପଲ୍ଲା, ୪।୧୨(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଉଲିସାହି ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାରଠାରୁ ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ତାଲିମ ଶିବିର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ କଳସାଖମଣ ସରପଞ୍ଚ କାଶୀନାଥ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଶା, ଅଙ୍ଗନୱାଡି କର୍ମୀଙ୍କ ସହଯୋଗ କାମନା କରିଥିଲେ। ତାଲିମଦାତା ଡା. ପ୍ରଫୁଲ୍ଲ କୁମାର ଦାଶ ଗାଁ କଲ୍ୟାଣ ସମିତିର କାର୍ଯ୍ୟାବଳୀ ମୁଖ୍ୟତଃ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ପରିମଳ ବ୍ୟବସ୍ଥାର ଉନ୍ନତି କିପରି କରାଯାଇପାରିବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହାସହ ପ୍ରତି ମାସର କାର୍ଯ୍ୟ ସମ୍ପର୍କରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଯୋଜନା କରିବାକୁ କହିଥିଲେ। ବିଭାଗୀୟ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଦିଲୀପ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଟକିଲା ତଦନ୍ତ ପ୍ରକ୍ରିୟା

**କେନ୍ଦ୍ରାପଡ଼ା ଅଫିସ/ମହାକାଳପଡ଼ା (ଡି.ଏନ.ଏ.), ୪।୧୨**

**ଗୋଟିଏ ପରିବାରର ୪ ଜାତି ମାମଲା**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲ ଅଞ୍ଚଳର ଗୋଟିଏ ପରିବାର ସଦସ୍ୟଙ୍କ ୪ ଜାତି ମାମଲାର ଜିଲା ପ୍ରଶାସନ ଯୁଗ୍ମ କମିଟିର ତଦନ୍ତ ଦ୍ୱିତୀୟ ଥର ପାଇଁ ଶୁକ୍ରବାର ଆରମ୍ଭ ହୋଇଛି। ହେଲେ ବିଦେଶରେ ରହିଥିବା ସଦସ୍ୟ ପହଞ୍ଚିପାରି ନ ଥିବା ଦର୍ଶାଇ ପରିବାର ଲୋକେ ତଦନ୍ତ କମିଟିର ସମ୍ମୁଖୀନ ହୋଇ ନ ଥିଲେ। ଫଳରେ ଦ୍ୱିତୀୟ ଥର ପାଇଁ ତଦନ୍ତ ପ୍ରକ୍ରିୟା ଅଟକିରହିଛି। ସୂଚନାଯୋଗ୍ୟ ନଭେମ୍ବର ୨୫ରେ ଦେହ ଅସୁସ୍ଥ କାରଣ ଦର୍ଶାଇବାରୁ ତଦନ୍ତ ହୋଇପାରି ନ ଥିଲା। ଅପରପକ୍ଷେ ଏହି ତଦନ୍ତ ବନ୍ଦ ପାଇଁ କମିଟି ସଦସ୍ୟଙ୍କୁ ଅନୁରୋଧ ହୋଇଥିବା ସୂଚନା ମିଳିଛି।

ପ୍ରକାଶଯୋଗ୍ୟ ଯେ, ସମ୍ପୃକ୍ତ ପରିବାର ବାଂଲାଦେଶୀ ହୋଇଥିବା ବେଳେ ମହାକାଳପଡ଼ା ତହସିଲ ରାମଚଣ୍ଡୀ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ଅଞ୍ଚଳରେ ରହୁଛନ୍ତି। ଏହି ପରିବାର ସ୍ଥାନୀୟ ଅଞ୍ଚଳର ଜମି କ୍ରୟ କରିବା ସମୟରେ ଜାତି ପରିଚୟରେ ଯୋଗୀ, ମାହେଶ, ପ୍ରଧାନ ଓ ନମଶୂଦ୍ର ବୋଲି ଉଲ୍ଲେଖ କରିଛନ୍ତି। ଯୋଗୀ, ମାହେଶ ଓ ପ୍ରଧାନ ଜାତି ତାଲିକାରେ ଓବିସି ଲିଷ୍ଟରେ ଥିବାବେଳେ ନମଶୂଦ୍ର ଅନୁସୂଚିତ ଜାତି। ଏହି ପରିବାର ବିଭିନ୍ନ ଜାତି ଦର୍ଶାଇ ସରକାରୀ ସୁବିଧା ହାସଲ କରିଛନ୍ତି। ଏ ନେଇ ଅଭିଯୋଗକାରୀ ଗୌ ବର ଓ ଅମିତାଭ ଚାନ୍ଦ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଥିଲେ। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଏହାର ଯାଞ୍ଚ ପାଇଁ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଆର୍‌ଡିସିଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶରେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଓ କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡାଙ୍କୁ ଯୁଗ୍ମ ତଦନ୍ତ ପାଇଁ ଏକ କମିଟି ଗଠନ ହୋଇଥିଲା। ପୂର୍ବାହ୍ନରେ ଏହି ସଦସ୍ୟମାନେ ରାମଚଣ୍ଡୀ ଆର୍‌ଆଇ ଅଫିସରେ ପହଞ୍ଚିଥିଲେ ମଧ୍ୟ କମିଟି ସଦସ୍ୟଙ୍କ ସମ୍ମୁଖୀନ ହୋଇ ନ ଥିଲେ। ଅପରପକ୍ଷେ ତଦନ୍ତ ବନ୍ଦ ପାଇଁ ଷ୍ଟେ ଅର୍ଡର ଥିବା ନେଇ ଜଣେ ବ୍ୟକ୍ତି କମିଟି ନିକଟରେ ପ୍ରକାଶ କରିଥିବା ମହାକାଳପଡା ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି। ତେବେ ତଦନ୍ତ ଆଗକୁ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ ଏହି ମାମଲାର ଅଭିଯୋଗକାରୀ ଚାନ୍ଦ କହିଛନ୍ତି, ପରିବାର ସଦସ୍ୟ ତଦନ୍ତର ସମ୍ମୁଖୀନ ହେଲେ ତହସିଲ ଅଞ୍ଚଳରେ ହୋଇଥିବା ବ୍ୟାପକ ଜମି ହଡ଼ପ ଓ ସରକାରୀ ସୁବିଧାର ଅପବ୍ୟବହାର ସମ୍ପର୍କରେ ରହସ୍ୟ ଖୋଲିଯିବ। କେବଳ ଜାତି ପ୍ରମାଣପତ୍ର ନୁହେଁ, ଜମି କ୍ରୟ ବେଳେ କୁଜଙ୍ଗ ରାଜାଙ୍କ ନକଲି ହାତପଟ୍ଟାର ବ୍ୟବହାର ହୋଇଥିବା ସେ ଦାବି କରିଛନ୍ତି।

## ଗଳିପୋଲ ପାଇଁ ଅଣ୍ଟା ଭିଡ଼ିଲେ ୨ ବିଧାୟକ



ବିଧାୟକଙ୍କ ସହ ଜାତୀୟ ରାଜପଥ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

**ରସୁଲପୁର,୪।୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ୧୬ନଂ ଜାତୀୟ ରାଜପଥର ବିଭିନ୍ନ ଛକରେ ଗଳି ପୋଲ ନିର୍ମାଣ ଦାବି ଘନଉଛି। ଏପରି କି ରାଜପଥର ମୂଳାପାଳ, ବାରବାଟୀପରେ ଏବେ ବିଲିପଡ଼ା ଛକରେ ଗଳିପୋଲ ନିର୍ମାଣ ଦାବି ଜୋରଧରିଛି। ଏଠାରେ ଗଳି ପୋଲ ନେଇ ମାମାଲା ଉଚ୍ଚ ନ୍ୟାୟାଳୟକୁ ଯାଇଥିଲା। ସୁଆଁସାହି ଛକ ଓ ବିଲିପଡ଼ାଠାରେ ଭିୟୁପି(ଭେଇକିଲ ଅଣ୍ଡର ପାସ୍)ନିର୍ମାଣ ଦାବି ହୋଇଥିଲା। ସୁଆସାହିଁଠାରେ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରେ ଭିୟୁପି ହେବାକୁ ଥିବା ବେଳେ ବିଲିପଡାଠାରେ ଏକ ପିୟୁପି (ପେଡେଷ୍ଟ୍ରିଆନ୍ ଅଣ୍ଡରପାସ୍ )ନିର୍ମାଣ ପାଇଁ ଦାବି ହୋଇଛି। ଉକ୍ତ ଦାବି ପରେ ଧର୍ମଶାଳା ଓ କୋରେଇ ବିଧାୟକଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ନଭେମ୍ବର ୩୦ରେ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ପିୟୁପି ସମ୍ପର୍କରେ ଅବଗତ କରାଇଛନ୍ତି। ରାଜପଥର ଉଭୟ ପାର୍ଶ୍ୱରେ ଭୋଟକା ଓ ବାହାଦଲାପୁର ପଞ୍ଚାୟତ ରହିଛି। ଏହି ପଞ୍ଚାୟତରେ ବିଲିପଡ଼ା ଓ ବାହାଦଲାପୁର ଏବଂ ଯାଜପୁର ବ୍ଲକ ବେରୁଦା ପଞ୍ଚାୟତର ଚିନ୍ତାପଲ୍ଲୀ ଗ୍ରାମ ରହିଛି। ରାଜପଥର ପୂର୍ବ ପାର୍ଶ୍ୱରେ ଗ୍ରାମଦେବତୀ ଭାଲୁଶୁଣୀ ଠାକୁରାଣୀଙ୍କ ମନ୍ଦିର ରହିଛି। ଏଥିସହ ଉଭୟ ପାର୍ଶ୍ୱରେ ଚାଷ ଜମି ରହିଛି। ତେଣୁ ଏସବୁ ଦୃଷ୍ଟିରେ ରଖି ଏଠାରେ ଏକ ପିୟୁପି ନିର୍ମାଣ ପାଇଁ ବିଧାୟକ ଜିଲାପାଳଙ୍କୁ ଅବଗତ କରାଇବା ସହ ଚିଠିର ନକଲ ରାଜପଥର ଆଞ୍ଚଳିକ ଅଫିସ ଭୁବନେଶ୍ୱର ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଫିସ ବାଲେଶ୍ୱରକୁ ପ୍ରଦାନ କରିଛନ୍ତି। ସେହିପରି କୋରେଇ ବିଧାୟକ ଅଶୋକ କୁମାର ବଳ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଡିବିଏଲର ପ୍ରକଳ୍ପ ପରିଚାଳକ ହରିହର ସିଂ ଓ ରାଜପଥ ଅଧିକାରୀଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ବିଲିପଡା ଗ୍ରାମ ମୁରବି ଉପସ୍ଥିତ ରହି ଭାଲୁଶୁଣୀ ନିକଟରେ ପିୟୁପି ନିର୍ମାଣର ଆବଶ୍ୟକତା ଉପରେ କହିଥିଲେ। ରାଜପଥ କର୍ତ୍ତୃପକ୍ଷ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଶିଶୁ ଉଦ୍ୟାନ ଆଗରେ ଅଳିଆବୁହା ଗାଡ଼ି

**ପଟ୍ଟାମୁଣ୍ଡାଇ, ୪।୧୨(ସ୍ୱ.ପ୍ର.)**




ଶିଶୁ ଉଦ୍ୟାନ ସମ୍ମୁଖରେ ଥୁଆ ହୋଇଥିବା ଅଳିଆବୁହା ଗାଡ଼ି।

**ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଶିଶୁ ଉଦ୍ୟାନ**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପକ୍ଷରୁ ଶିଶୁଙ୍କ ଆମୋଦ ପ୍ରମୋଦ ପାଇଁ ବ୍ଲକ କଲୋନୀରେ ୨୪ ଲକ୍ଷ ଟଙ୍କା ବ୍ୟୟରେ ଶିଶୁ ଉଦ୍ୟାନ ହୋଇଥିଲା। ୨୦୧୮ ସେପ୍ଟେମ୍ବରରେ ତତ୍କାଳୀନ ପୌରାଧକ୍ଷା ବୈଜୟନ୍ତୀ ମାଳା ଲେଙ୍କା ଏହାକୁ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଶିଶୁଉଦ୍ୟାନର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ଚିତ୍ରକଳା ଓ ଖେଳ ସାମଗ୍ରୀ ବାବଦରେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ପୌରନିର୍ବାହୀ ଅଧିକାରୀଙ୍କ ଅପରିଣାମ ଦର୍ଶିତା ଯୋଗୁ ଶିଶୁଙ୍କ ଆମୋଦ ପ୍ରମୋଦ ସାଧିତ ହୋଇପାରିଲା ନାହିଁ। ଏ ପର୍ଯ୍ୟନ୍ତ ବିଭିନ୍ନ ଜାତୀୟ ଦିବସ କିମ୍ବା ଶିଶୁ ଦିବସରେ ଉଦ୍ୟାନ ଖୋଲା ଯାଇପାରୁନାହିଁ। ଶିଶୁମାନେ ଉଦ୍ୟାନ ଦେଖିବାକୁ ଆସୁଥିଲେ ହେଁ ଭିତରକୁ ଯାଇ ନ ପାରି ନିରାଶ ହୋଇ ଫେରିବାକୁ ବାଧ ହେଉଛନ୍ତି। ୨୦୧୯ ଫନୀ ବାତ୍ୟାରେ ଉଦ୍ୟାନ ନିକଟରେ ଥିବା ବିଭିନ୍ନ ଗଛ ଭାଙ୍ଗି ଉଦ୍ୟାନ ଭିତରେ ପଡିରହିଛି। ଗାଈ, ଛେଳି, ମେଣ୍ଢା ଉଦ୍ୟାନ ଭିତରକୁ ପଶି ଗଛ ଖାଇଯାଉଥିଲେ ବି ସେଥିପ୍ରତି ନିଘା ନାହିଁ। ପୌରପରିଷଦ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ତରବରିଆ ଭାବେ ପୌରପରିଷଦ ଅଧକ୍ଷା ଲେଙ୍କା, ଉପାଧକ୍ଷ ସୁମନ୍ତ ପାତ୍ରଙ୍କ ସହ ସମସ୍ତ କାଉନସିଲରଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହୋଇଥିଲା। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇ କହିଛନ୍ତି, କରୋନା ପାଇଁ ଶିଶୁ ଉଦ୍ୟାନ ବନ୍ଦ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଡିସେମ୍ବରରୁ ଜାରି ହୋଇଥିବା ଗାଇଡ୍‌ଲାଇନ ପରେ ଶିଶୁ ଉଦ୍ୟାନର ନବୀକରଣ କରାଯିବ। ଏହାପରେ ଶିଶୁମାନଙ୍କ ନିମନ୍ତେ ଉଦ୍ୟାନ ଖୋଲା ରହିବ।

## ଶରଣକୁଳରେ ବାଇପାସ୍ ପାଇଁ ସର୍ଭେ

**ନୟାଗଡ଼ ଅଫିସ,୪।୧୨:** ନୟାଗଡ ଜିଲା ଶରଣକୁଳଠାରେ ବାଇପାସ୍ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ ହୋଇଛି। ବାଇପାସ୍ ରୋଡ କଟରାଝରୀ ଛକରୁ ଝାଡେଶ୍ୱରୀ ଠାକୁରାଣୀ ନିକଟସ୍ଥ ଭଣ୍ଡାର ପାହାଡ ଦେଇ ବଡପୁଟ ଛକକୁ ସଂଯୋଗ କରିବ। ଏହା ହେଲେ ୨କିମି ରାସ୍ତା କମିଯିବ। ତହସିଲ ପକ୍ଷରୁ ଜମି ଚିହ୍ନଟ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ଲାନ ଆପ୍ରୁଭ କରାଯିବ। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରମୋଦ ଧର, ଡେପୁଟି ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ ପଟ୍ଟନାୟକ, ଓଡଗାଁ ତହସିଲଦାର, କନିଷ୍ଠ ଯନ୍ତ୍ରୀ କିଶୋର ଶତପଥି, କ୍ରିୟାନୁଷ୍ଠାନ କମିଟି ସଭାପତି ଭାବେ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଶରଣକୁଳଠାରେ ମ୍ୟାପ ଦେଖି ପ୍ରସ୍ତାବିତ ବାଇପାସ୍‌କୁ ଅନୁଧ୍ୟାନ କରିଥିଲେ। ପ୍ରକାଶ ଯେ, ଡମ୍ଫର ଧକ୍କାରେ ୬ଜଣଙ୍କ ମୃତ୍ୟୁ ପରେ ବାଇପାସ୍ ନିର୍ମାଣ ଦାବି ଜୋର ଧରିଥିଲା। ଏପରି କି ଦାବି ପୂରଣ ନ ହେଲେ ଶରଣକୁଳ, ହରିହରପୁର ଓ ଶିଖରପୁର ପଞ୍ଚାୟତର ବାସିନ୍ଦା ଆନ୍ଦୋଳନ କରିବେ ଚେତାବନୀ ଦିଆଯାଇଥିଲା।

# ମିଳୁନି ବାଲି, ନିର୍ମାଣ କାର୍ଯ୍ୟରେ ଅଚଳାବସ୍ଥା

**ନୟାଗଡ଼ ଅଫିସ,୪।୧୨**

- ବାଲିଘାଟରେ ଦେଉନାହାନ୍ତି ୱାଇ ଫର୍ମ
- ଚଢ଼ାଉ ପରେ ହାଇୱା, ଟ୍ରାକ୍ଟର ମାଲିକଙ୍କ କାର୍ଯ୍ୟବନ୍ଦ

ନିଲାମ ବାଲିଘାଟରେ ୱାଇ ଫର୍ମ ଦିଆଯାଉ ନ ଥିବାରୁ ନୟାଗଡ଼ ଜିଲାର ବିଭିନ୍ନ ତହସିଲ ଓ ଥାନା ପକ୍ଷରୁ ଧରପଗଡ ଜାରି ରହିଛି। ଫଳରେ ବେଆଇନ ବାଲି ଚାଲାଣ ଉପରେ ଲଗାମ ଲାଗିଛି। ବାଲିଘାଟରେ ଟ୍ରାକ୍ଟର ଓ ହାଇୱା ଦେଖିବାକୁ ମିଳୁ ନାହିଁ। ଚଢ଼ାଉ ଦେଖି ଟ୍ରାକ୍ଟର ଓ ହାଇୱା ମାଲିକ କାର୍ଯ୍ୟବନ୍ଦ କରିଦେବା ପରେ ସରକାରୀ ଓ ବେସରକାରୀ ସ୍ତରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ଏହାକୁ ଆଖିଆଗରେ ରଖି କେତେକ ଲୋକ ବାଲି ମହଜୁଦ ରଖି କଳାବଜାର କରୁଛନ୍ତି। ପୂର୍ବରୁ ବାଲି ଟ୍ରାକ୍ଟରକୁ ୧ ହଜାର ଟଙ୍କା ଦେବାକୁ ପଡୁଥିଲା। ଏବେ ତାହା ୨୨୦୦ରୁ ୨୫୦୦ ଟଙ୍କାରେ ବିକ୍ରି ହେଉଛି। ଆବଶ୍ୟକ ଅନୁଯାୟୀ ବାଲି ମିଳୁ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି।

ନୟାଗଡ଼ର ସୀତାକାନ୍ତ ସାହୁ କୁହନ୍ତି, ଏବେ ୧୫ଦିନ ହେଲା ଘର ଆଦି ନିର୍ମାଣ କାର୍ଯ୍ୟ ପାଇଁ ନଈ ବାଲିର ଅଭାବ ଦେଖାଦେଇଛି। ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଡ୍ରାଇଭରଙ୍କୁ ଗିରଫ କରାଯିବା ପରେ ଭୟ ବଢ଼ିଛି। ନୟାଗଡ ତହସିଲର ହାଟଦ୍ୱାର ବାଲିଘାଟ ନିଲାମ ହୋଇଛି। ହେଲେ ନିଲାମଧାରୀ ୱାଇ ଫର୍ମ ଦେଉ ନ ଥିବାରୁ ବାଲି ବୋଝେଇ ଟ୍ରାକ୍ଟର ଅଯଥାରେ ଫସୁଥିବାରୁ ବାଲି ଆସିପାରୁନି। ପ୍ରଶାସନ ଚଢ଼ାଉ କରୁ। ହେଲେ ଲୋକଙ୍କ ଅସୁବିଧା ଦୂର କରିବାକୁ ଚେଷ୍ଟା କରାଯିବା ଦରକାର। ନୂଆଗାଁର ରାମଚନ୍ଦ୍ର ପ୍ରଧାନ କହନ୍ତି, ନୂଆଗାଁ ତହସିଲର ଦୁର୍ଦ୍ଦୁରା ବାଲିଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିଲା। ଚଢ଼ାଉ ପରେ ଏହା ବନ୍ଦ ହୋଇଯାଇଛି। ତେବେ ଲୋକ କିପରି ବାଲି ପାଇପାରିବେ ସେଥିପ୍ରତି ନଜର ଦିଆଯାଉନି। ଜଣେ ଟ୍ରାକ୍ଟର ଓ ହାଇୱା ମାଲିକ ନିଜ ନାଁ ଗୋପନ ରଖି କହିଛନ୍ତି, ଆମେ ୱାଇ ଫର୍ମରେ ବାଲି ଆଣିବାକୁ ଚାହୁଁଛୁ। ହେଲେ ଆମକୁ ଦିଆଯାଉନି। ୱାଇଫର୍ମ ନ ଥାଇ ବାଲି ନେଉଥିବାରୁ ଜରିମାନା ଦେବାକୁ ପଡୁଛି। ଏଣୁ ୱାଇ ଫର୍ମ ନ ଦେଲେ ଆମେ ବାଲି ନେବୁ ନାହିଁ ବୋଲି ନିଷ୍ପତ୍ତି ନେଇ ଆନ୍ଦୋଳନ ଜାରି ରଖିଛୁ। ନୟାଗଡର ସୁବ୍ରତ ସାହୁ କୁହନ୍ତି, ବାଲି ଧରପଗଡ ସ୍ୱାଗତ ଯୋଗ୍ୟ। ହେଲେ ଲୋକେ କିପରି ବାଲି ପାଇପାରିବେ ସେ ବ୍ୟବସ୍ଥା କରାଯିବା ଦରକାର। ୱାଇ ଫର୍ମ ନ ଦେଇ ବାଲି ଘାଟ ନିଲାମ କରିବା କ'ଣ ଠିକ୍ ବୋଲି ସେ ପ୍ରଶ୍ନ କରିଥିଲେ। ନୟାଗଡ ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ଜିଲା ସାରା ବାଲି ସମସ୍ୟା ଯୋଗୁ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। କେତେକ ଲୋକ ବାଲି ଘାଟ ନିଲାମ ନେଇଛନ୍ତି, ହେଲେ ଏଗ୍ରିମେଣ୍ଟ କରି ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଦିନେ ଦୁଇଦିନ ଭିତରେ ଏହି ସମସ୍ୟା ସମାଧାନ ହୋଇଯିବ।

## ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି

**ରାଜକନିକା, ୪।୧୨(ଡି.ଏନ୍.ଏ.):** ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଓ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ରାଜକନିକା ଶାଖା ପକ୍ଷରୁ ସ୍ଥାନୀୟ କଣ୍ଟପଡ଼ା ବଜାର ଓ ଅଶୋକ ବଜାର ଶୋଭାଯାତ୍ରା ପରିକ୍ରମା କରିଥିଲା। ପରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ କେନ୍ଦ୍ରପଡ଼ା ଜିଲା ଏବିଭିପିର ସଂଯୋଜକ ଜ୍ୟୋତି ଭୂଷଣ ମିଶ୍ର, ମହାବିଦ୍ୟାଳୟ ୟୁନିଟ୍ ସଭାପତି ସୁପର୍ଣ୍ଣା ବିନୋଦ, ସମ୍ପାଦିକା ରୋନାଲୀ ନାୟକ, ଲିପ୍ସା ଧଳ, ଅନସୂୟା ମଥାନ, କାହ୍ନା ପରିଡ଼ା, ବର୍ଷା ପ୍ରିୟଦର୍ଶିନୀ ସାହୁ, ସ୍ୱାଗତିକା ବେହେରା, ଦୀପ୍ତି ରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଦୋକାନୀଙ୍କୁ ମାଡ଼ମାରି ଚୋରି

**ବିରିଡି,୪।୧୨(ଡି.ଏନ.ଏ.)**



ଆହତ ନାରାୟଣ ଭୋଇ।

ବିରିଡି ଥାନା ୨୨ ମୌଜା ଉକୁନ୍ଦରା ଛକରେ ଥିବା ୨ଟି ଦୋକାନରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କାର ସାମଗ୍ରୀ, ୯ ହଜାର ଟଙ୍କା ଚୋରି କରି ନେଇଛନ୍ତି। ସେଠାରେ ଥିବା ତେଜରାତି ଦୋକାନର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରୁଥିଲେ। ଏହି ସମୟରେ ମନହରି ଦୋକାନ କରିଥିବା ଦୋକାନୀ ନାରାୟଣ ଭୋଇ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ପ୍ରତିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ଭୋଇ ଆହତ ହୋଇଥିଲେ। ସେ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସିତ ହୋଇଛନ୍ତି। ନାରାୟଣ ଭୋଇ ଓ ବିଶ୍ୱନାଥ ବାରିକଙ୍କ ଏତଲାକ୍ରମେ ଥାନାରେ ନଂ. ୨୧୨, ୨୧୩/୨୦ରେ ମାମଲା ରୁଜୁ କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକୁନ୍ଦରା ଛକରେ ଗୋଟିଏ ମନହରି, ଗୋଟିଏ ସେଲୁନ ଓ ତେଜରାତି ଦୋକାନ ରହିଛି। ଦୁର୍ବୃତ୍ତମାନେ ସେଲୁନ ଓ ମନହରି ଦୋକାନ କବାଟ ଭାଙ୍ଗି ସାମଗ୍ରୀ ଓ ଟଙ୍କା ଚୋରି କରିଥିଲେ। ପରେ ତେଜରାତି ଦୋକାନ କବାଟ ଭାଙ୍ଗୁଥିବା ବେଳେ ନାରାୟଣ ପହଞ୍ଚି ଯାଇଥିଲେ। କବାଟ ଭଙ୍ଗା ଯାଇଥିବା ଦେଖି ପ୍ରତିରୋଧ କରିଥିଲେ। ଲୁହାରଡ ଓ କଟରରେ ଦୁର୍ବୃତ୍ତମାନେ ନାରାୟଣଙ୍କ ଉପରେ ଆକ୍ରମଣ କରିଥିଲେ। ପରେ ୩ ଦୁର୍ବୃତ୍ତ କଳା ପଲସର ନଂ. ଓଡି ୦୫ ଏଏସ୍ ୪୪୯୦ରେ ଖସିଯିବାକୁ ଉଦ୍ୟମ କରିଥିଲେ। ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଆହତ ନାରାୟଣ ଏକ ବାଉଁଶ ବାଡିରେ ବାଇକ୍‌ଟିକୁ ପିଟି ଭାଙ୍ଗି ଦେଇଥିଲେ। ଫଳର ଦୁର୍ବୃତ୍ତମାନେ ବାଇକ୍‌ଟିକୁ ଛାଡି ଅନ୍ଧାରରେ ଖସି ପଳାଇ ଯାଇଥିଲେ।

# କେନାଲ ବନ୍ଧ ରାସ୍ତା ଖାଲଖମା

**ଡେରାବିଶ, ୪।୧୨(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ କେନ୍ଦ୍ରାପଡ଼ା କେନାଲର ଗିରିଗୋଲାଠାରୁ ଦାନପୁର ୨ କି.ମି. କେନାଲ ବନ୍ଧ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବ୍ଲକ ଅଞ୍ଚଳର ଏହି କେନାଲ ବନ୍ଧ ରାସ୍ତାଟି ମୁଖ୍ୟରାସ୍ତା। ରାସ୍ତାଟି କେନ୍ଦ୍ରାପଡ଼ା ଓ କଟକ ସହରକୁ ସଂଯୋଗ କରିଛି। ଦୈନିକ ଶତାଧିକ ଯାନବାହନ ରାସ୍ତା ଦେଇ ଯାତାୟାତ କରୁଛି। ବ୍ଲକ ଅଧୀନ ମୁକୁନ୍ଦପୁର ଓ ଦାନପୁର ପଞ୍ଚାୟତ କେନାଲ ବନ୍ଧ ପାର୍ଶ୍ୱରେ ଅବସ୍ଥିତ ଥିବାରୁ ଏହି ଦୁଇ ପଞ୍ଚାୟତ ଅଧିବାସୀଙ୍କ ପାଇଁ ରାସ୍ତାଟି ଗୁରୁତ୍ୱ ବହନ କରୁଛି। କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଏହି କେନାଲ ବନ୍ଧ ରାସ୍ତା ମରାମତି ନ ହେବା ଫଳରେ ଖାଲଖମାରେ ପରିଣତ ହୋଇଛି। ତୁରନ୍ତ ମରାମତି ପାଇଁ ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି ଦାବି ଜଣାଇଛନ୍ତି। ଜଳ ସମ୍ପଦ ବିଭାଗୀୟ ସହକାରୀ ଯନ୍ତ୍ରୀ ସମୀର କୁମାର ପରିଡ଼ା କହିଛନ୍ତି, ରାସ୍ତା ନିର୍ମାଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏଷ୍ଟିମେଟ୍ କରି ପଠାଯାଇଛି। ଖୁବଶୀଘ୍ର ଦୁଇ କିଲୋମିଟର ରାସ୍ତାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ।



ଗିରିଗୋଲାଠାରୁ ଦାନପୁର କେନାଲ ବନ୍ଧ ରାସ୍ତା ଖାଲଖମାରେ ଭର୍ତ୍ତି।

# ପାଣି ପାଇଁ ପଡ଼ିଲାଣି ଭାଳେଣି

**ପାରାଦୀପ,୪।୧୨(ସ୍ୱ.ପ୍ର.)**



ତାଳଦଣ୍ଡା କେନାଲ।

**ନବୀକରଣ ହେବ ତାଳଦଣ୍ଡା କେନାଲ**

ପାରାଦୀପ ବନ୍ଦର ଅଞ୍ଚଳବାସୀଙ୍କ ଏବେଠାରୁ ପାଣି ପାଇଁ ଭାଳେଣି ପଡିଲାଣି। କାରଣ ବନ୍ଦର ପ୍ରଶାସନ ସମସ୍ତ ଅଧିବାସୀଙ୍କୁ ପାଣି କମ୍ ବ୍ୟବହାର କରିବାକୁ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦେଇଛନ୍ତି। ତାଳଦଣ୍ଡା କେନାଲର ନବୀକରଣ ପାଇଁ ପାରାଦୀପ ଅଞ୍ଚଳକୁ ପାଣି ଯୋଗାଣ ବନ୍ଦ ରହିବ। ଏଥିଯୋଗୁ ବନ୍ଦର ପ୍ରଶାସନ ଏଭଳି କଟକଣା ଲଗାଇବାକୁ ଯାଉଛନ୍ତି। ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ବିନାୟକ ପ୍ରଧାନ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜାରି କରିଥିବା ବିଜ୍ଞପ୍ତି(ପିଏଚଡି, ଏମ, ଇଏସ୍‌ଟିଟି/୨୭।୨୨) ଗତ ୨ ତାରିଖରେ ଦର୍ଶାଇଛନ୍ତି। ଅର୍ଥାତ ଏବେଠାରୁ ୨୦୨୧ ଜୁନ୍ ୧୫ ପର୍ଯ୍ୟନ୍ତ ପାଣି ଉପରେ କଟକଣା ବଳବତ୍ତର ରହିବ। ମୁଖ୍ୟତଃ ନେହେରୁ ବଙ୍ଗଳା, ଅଠରବାଙ୍କୀ, ରେଳବାଇ କଲୋନୀ, ଡକ୍ ଅଞ୍ଚଳ, ବୃନ୍ଦାବନ କଲୋନୀ, ଜଗନ୍ନାଥ କଲୋନୀ, ମଧୁବନ କଲୋନୀ, ନୂଆବଜାର କଲୋନୀ, ସିଆଇଏସ୍‌ଏଫ୍ କଲୋନୀ, ଷଣ୍ଢକୁଦ ଅଞ୍ଚଳକୁ ପାଣି ଯୋଗାଣରେ କଟକଣା ରହିବ। ଚଳଣି ପାଇଁ ଯେତିକି ପାଣି ଯୋଗାଣ କରାଯିବ ତାକୁ ସୁବିନିଯୋଗ କରିବା ସହ ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ କରିଛନ୍ତି।

ବନ୍ଦରାଞ୍ଚଳର ଅଧିବାସୀଙ୍କୁ ପ୍ରତିଦିନ ଦୁଇଥର ଜଳଯୋଗାଣ କରାଯାଏ। ଏହି ପାଣି ରାଜ୍ୟ ସରକାରଙ୍କଠାରୁ ବନ୍ଦର ଆଣିଥାନ୍ତି। କଟକ ଜୋବ୍ରାରୁ ପାଣି ତାଳଦଣ୍ଡା କେନାଲ ଦେଇ ବନ୍ଦର ଜଳାଶୟକୁ ଆସେ। ସେଠାରେ ଜଳକୁ ବିଶୋଧନ କରାଯାଇ ଯୋଗାଇ ଦିଆଯାଏ। ୨୦୧୩ରୁ ପ୍ରତିବର୍ଷ ଏଭଳି ଜଳସଙ୍କଟ ପାରାଦୀପରେ ଲାଗି ରହିଛି। ଖରାଦିନେ ଲୋକମାନେ ଅସୁବିଧା ଭୋଗୁଥିବା ବିଗତବର୍ଷରେ ଦେଖିବାକୁ ମିଳିଛି। ଚଳିତବର୍ଷ ସମାନ ସମସ୍ୟାକୁ ନେଇ କଲୋନୀବାସୀଙ୍କ ଚିନ୍ତା ବଢିବାରେ ଲାଗିଲାଣି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବାଶିଷ ମହାନ୍ତିଙ୍କୁ ପଚାରିବାରେ କଟକର ଜୋବ୍ରାଠାରୁ ବିରିବାଟୀ ଯାଏ ତାଳଦଣ୍ଡା କେନାଲ ସଫା କରାଯିବାର ପ୍ରସ୍ତାବ ଥିବାରୁ ପାଣି ସପ୍ଲାଇ ବନ୍ଦ କରାଯାଇଛି। ପାରାଦୀପ ଶିଳ୍ପାଞ୍ଚଳକୁ ପାଣି ଯୋଗାଇବାକୁ କଟକ-ପାରାଦୀପ ତାଳଦଣ୍ଡା କେନାଲର ଚୌଧୁରୀଗଡାଠାରେ ବିକଳ୍ପ ବ୍ୟବସ୍ଥା କରାଯାଇଛି। ମହାନଦୀରୁ ମୋଟର ଯୋଗେ ପାଣି ଉଠାଇ କେନାଲରେ ଛଡାଯିବ। ପ୍ରାୟତଃ ପାଣି ପାଇଁ ସେପରି କିଛି ଅସୁବିଧା ହେବନାହିଁ ବୋଲି ସେ କହିଛନ୍ତି।

## ଗହୀରମଥାରୁ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

**ରାଜନଗର(ଡି.ଏନ.ଏ.):** ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବାଲେଶ୍ୱର ଅଞ୍ଚଳର ମା' ରାମଚଣ୍ଡୀ ନାମକ ଟ୍ରଲରକୁ ଶୁକ୍ରବାର ରାଜନଗର ବନ ବିଭାଗ ଜବତ କରିଛି। ଏଥିରେ ଥିବା ୭ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ରାଜନଗର ଓ ଭଦ୍ରକ ବନ ବିଭାଗ କର୍ମଚାରୀ ମିଳିତ ପାଟ୍ରୋଲିଂ ସମୟରେ ନିଷିଦ୍ଧାଞ୍ଚଳରୁ ଟ୍ରଲରକୁ ଜବତ କରିଥିଲେ। ଗିରଫ ମତ୍ସ୍ୟଜୀବୀମାନେ ହେଲେ ମହାକାଳପଡ଼ା ଅଞ୍ଚଳର ଭୋଲାନାଥ ବୈଦ, ଶଙ୍କର ବୈଦ୍ୟ, ଭୀମ ମଣ୍ଡଳ, ଭାଗୀରଥି ବୈଦ, ବିଜୟ କରଣ, ତାପସ ହାଉଲି ଓ ପଙ୍କଜ ଦାସ।

# ଝୁଲି ରହିଛି ମେଗା ଜଳ ଯୋଗାଣ ପ୍ରକଳ୍ପ

**ଯାଜପୁର ଅଫିସ,୪।୧୨**

- ଜେ ଫର୍ମରେ ଇନ୍‌ଟେକ୍ ୱେଲ୍ ସ୍ଥାନ ଚିହ୍ନଟରେ ତ୍ରୁଟି
- ପାଣି ଉଠାଇବାକୁ ମିଳୁନି ଅନୁମୋଦନ

ଯାଜପୁର ଜିଲାର ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ୮ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଏଥିପାଇଁ ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ଗେଙ୍ଗୁଟି, ବୈତରଣୀ ଓ ଖରସ୍ରୋତା ନଦୀରୁ ପାଣି ଉଠାଇବା ଲାଗି ୧୦ଟି ଇନ୍‌ଟେକ୍ ୱେଲ୍ ଚିହ୍ନଟ ହୋଇଛି। ଏହି ୧୦ ଇନ୍‌ଟେକ୍ ୱେଲ ମଧ୍ୟରୁ ୨ଟିରୁ ପାଣି ଉଠାଇବା ନିମନ୍ତେ ଗତ ଜୁଲାଇ ୧୩ରେ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁମୋଦନ ମିଳିସାରିଛି। ତାହାହେଲା ବଡ଼ଚଣା ବ୍ଲକ ଅଧୀନ ଗେଙ୍ଗୁଟି ନଦୀର ରାଧାଦେଈପୁର ଏବଂ ଦଶରଥପୁର ବ୍ଲକ ଅଧୀନ ବୈତରଣୀ ନଦୀର ସିଦ୍ଧେଶ୍ୱର ଘାଟ। ରାଧାଦେଈପୁରରୁ ୯.୩୨ କ୍ୟୁସେକ ପାଣି ଉଠାଯିବ ଏବଂ ଏହାଦ୍ୱାରା ବଡ଼ଚଣା ବ୍ଲକର ୪୩ ପଞ୍ଚାୟତର ବାସିନ୍ଦା ଉପକୃତ ହେବେ। ସେହିପରି ସିଦ୍ଧେଶ୍ୱର ଘାଟରୁ ୭.୭୫ କ୍ୟୁସେକ ପାଣି ଉଠାଯିବାକୁ ଥିବାବେଳେ ଦଶରଥପୁର ବ୍ଲକର ୩୩ ପଞ୍ଚାୟତର ଲୋକ ପାନୀୟ ଜଳ ପାଇବେ। ହେଲେ କାଗଜପତ୍ର (ଜେ ଫର୍ମ)ରେ ସ୍ଥାନ ଚିହ୍ନଟରେ ତ୍ରୁଟି ଯୋଗୁ ବାକି ୮ଟି ଇନ୍‌ଟେକ୍ ୱେଲ୍‌ରୁ ପାଣି ଉଠାଇବା ଲାଗି ଅନୁମୋଦନ ମିଳୁନାହିଁ। ପ୍ରାୟ ୩ ବର୍ଷ ଧରି ରିପୋର୍ଟ ତଲବ ଓ ଦାଖଲ ପ୍ରକ୍ରିୟା ଚାଲିଛି। ଶେଷ ଥର ପାଇଁ ଗତ ନଭେମ୍ବର ୧୦ରେ ଏକ ଯୁଗ୍ମ ନିରୀକ୍ଷଣ ରିପୋର୍ଟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍ଏସ୍)ର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଦାଖଲ ହୋଇଛି। କିନ୍ତୁ ଏଯାଏ ପାଣି ଉଠାଇବା ପାଇଁ ଅନୁମୋଦନ ମିଳିପାରିଲାନାହିଁ। ସେଗୁଡ଼ିକ ହେଲା ସୁକିନ୍ଦା ବ୍ଲକ ଅଧୀନ ବ୍ରାହ୍ମଣୀର ବୁଆଲି ନିକଟରେ ୩ଟି ଇନ୍‌ଟେକ୍ ୱେଲ୍ ସମେତ ଧର୍ମଶାଳା ବ୍ଲକ ଅଧୀନ ବ୍ରାହ୍ମଣୀର ବାଲିକୁଦା, ଦାନଗଦି ବ୍ଲକ ଖରସ୍ରୋତା ନଦୀର ଯୋକଡ଼ିଆ, ବିଞ୍ଝାରପୁର ବ୍ଲକ ଖରସ୍ରୋତା ନଦୀର ବଡ଼ବନ୍ତ, ବାଙ୍କିପାଳ ଏବଂ ରସୁଲପୁର ବ୍ଲକ ଖରସ୍ରୋତା ନଦୀର ଶ୍ରୀବନ୍ତପୁର।

ସୂଚନାଥାଉ କି, ୨୦୧୭ରେ ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ସୁକିନ୍ଦା, ଧର୍ମଶାଳା, ଦଶରଥପୁର, ଦାନଗଦି, ଯାଜପୁର ଓ ବିଞ୍ଝାରପୁର ବ୍ଲକରେ ଉକ୍ତ ୮ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ଗତ ଜୁନ୍ ୧୨ରେ ଯାଜପୁର ଜଳ ସମ୍ପଦ ବିଭାଗ ଓ ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ଯୁଗ୍ମ ଭାବେ ଉପରୋକ୍ତ ନଦୀରେ ଇନ୍‌ଟେକ୍ ୱେଲ୍ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇସାରିଛି। କିନ୍ତୁ ଯୋଜନାକୁ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ଦାନଗଦି, ରସୁଲପୁର, ବିଞ୍ଝାରପୁର ଓ ଯାଜପୁର ବ୍ଲକରେ ହେଉଥିବା କାର୍ଯ୍ୟ ପାଇଁ ଟେଣ୍ଡର ସମ୍ପନ୍ନ ହୋଇ ପାରିନାହିଁ। ଅନ୍ୟପଟେ ଧର୍ମଶାଳା, ବଡ଼ଚଣା, ଦଶରଥପୁର ଏବଂ ସୁକିନ୍ଦା ବ୍ଲକରେ ହେଉଥିବା ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧୀନ ଅବସ୍ଥାରେ ରହିଛି।

୮ ପ୍ରକଳ୍ପ ମଧ୍ୟରୁ ସୁକିନ୍ଦା ବ୍ଲକରେ ଓଏମ୍‌ବିଏଡିସି(ଓଡ଼ିଶା ଖଣି ଅଞ୍ଚଳ ଉନ୍ନୟନ ନିଗମ) ପାଣ୍ଠିରେ ୨ଟି ପ୍ରକଳ୍ପ (୭୯ କୋଟି ଓ ୧୦୪ କୋଟି) ଟଙ୍କା ଅଟକଳରେ କାର୍ଯ୍ୟକାରୀ ହେଉଛି। ଏହି ଦୁଇଟି ପ୍ରକଳ୍ପ ପାଇଁ ଯୁଗ୍ମ ନିରୀକ୍ଷଣ ଶେଷ ହୋଇ ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ରିପୋର୍ଟ ଦାଖଲ ହୋଇ ସାରିଛି। ତେବେ ପ୍ରକଳ୍ପ ସମ୍ପର୍କିତ କାଗଜପତ୍ର ଯାଞ୍ଚବେଳେ ବିଭାଗୀୟ ଜେ ଫର୍ମରେ ବ୍ରାହ୍ମଣୀ ନଦୀର ବୁଆଲି ନିକଟରେ ପ୍ରସ୍ତାବିତ ୩ ଇନ୍‌ଟେକ୍ ୱେଲ୍ ନିର୍ମାଣ ସଂକ୍ରାନ୍ତରେ ଚିହ୍ନଟ ହୋଇ ନ ଥିବାରୁ ତାହା ଅନୁମୋଦିତ ଲାଭ କରି ପାରିନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଅନୁରୂପ ଭାବେ ବାଲିକୁଦା, ଯୋକଡିଆ, ବଡ଼ବନ୍ତ, ବାଙ୍କିପାଳ ଓ ଶ୍ରୀବନ୍ତପୁରରେ ଇନ୍‌ଟେକ୍ ୱେଲ୍ ସ୍ଥାନ ସମ୍ପର୍କିତ କାଗଜପତ୍ରରେ ତ୍ରୁଟି ଯୋଗୁ ସେଗୁଡ଼ିକରୁ ପାଣି ଉଠାଇବା ପାଇଁ ଅନୁମୋଦନ ମିଳି ପାରିନାହିଁ। ଏହି ମର୍ମରେ ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଏକ ସପ୍ତାହ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ରିପୋର୍ଟ ଦାଖଲ କରିବାକୁ ଶୁକ୍ରବାର ଯାଜପୁର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଗୁରୁତର ଭାବେ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

## ତୃତୀୟ ଦିନରେ ଭାଙ୍ଗିଲା ୧୦, ୧୩ ସିଲ୍



ଉଚ୍ଛେଦ ସ୍ଥଳରେ ପୋଲିସ ଓ ପ୍ରଶାସନିକ ଅଧିକାରୀ।

**ଧର୍ମଶାଳା/ଜେନାପୁର, ୪।୧୨(ଡି.ଏନ.ଏ.)**

**କ୍ରଶର ଉଚ୍ଛେଦ ପ୍ରକ୍ରିୟା ଜାରି**

ଧର୍ମଶାଳା ତହସିଲ ଅଧୀନରେ ଥିବା ବେଆଇନ କ୍ରଶରଗୁଡ଼ିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୨ ତାରିଖରୁ ଏହି ପ୍ରକ୍ରିୟା ଚାଲିଛି। ତେବେ ଶୁକ୍ରବାର ତୃତୀୟ ଦିନରେ ଅଞ୍ଜିରା ଓ ବାରମାଣ ମୌଜାରେ ୧୦ଟି କ୍ରଶର ଭଙ୍ଗାଯାଇଥିଲାବେଳେ ୧୩ଟି ସିଲ କରାଯାଇଛି। ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ଓ ଜେନାପୁର ପୋଲିସ ଉଚ୍ଛେଦ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲ। ଆଇନ ଶୃଙ୍ଖଳାକୁ ନଜରରେ ରଖି ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରିଥିବା ୧୩ କ୍ରଶରକୁ ସିଲ କରାଯାଇଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଶନିବାର ମଧ୍ୟ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ଯାଜପୁର ଏଡିଏମ ଅକ୍ଷୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗାଡ଼ିମୋଟର ଯାଞ୍ଚ: ଜରିମାନା ଆଦାୟ

**ରସୁଲପୁର,୪।୧୨(ଡି.ଏନ.ଏ.):** କୁଆଖିଆ ଥାନା ପକ୍ଷରୁ ଶୁକ୍ରବାର ରସୁଲପୁର ବ୍ଲକର ମୁଗୁପାଳ ଛକ ଓ କୁଆଖିଆ ବଜାରର ହାଇଟେକ୍ କଲେଜ ଛକରେ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଏବାବଦରେ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହିତ ୩ ବାଇକ ଚାଳକଙ୍କ ଲାଇସେନ୍ସ ଜବତ କରାଯାଇଛି। ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱ ଓ ଏସ୍‌ଆଇ ପ୍ରଶାନ୍ତ ଦାସ, ରଶ୍ମିତା ମଲିକଙ୍କ ସହଯୋଗରେ ଏହି ଦୁଇଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ବିନା ହେଲମେଟରେ ବାଇକ୍ ଚଳାଉଥିବା, ସିଟ୍ ବେଲ୍ଟ ନ ପିନ୍ଧି କାର ଚଳାଉଥିବା ଅଭିଯୋଗରେ ଇ-ଚଲାଣ ମାଧ୍ୟମରେ ୧୨ହଜାର ଟଙ୍କା ଆଦାୟ କରାଯାଇଥିଲା। ବିନା ହେଲମେଟରେ ବାଇକ୍ ଚଳାଉଥିବା ୩ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି। ଉକ୍ତ ଲାଇସେନ୍ସ ଗୁଡ଼ିକୁ ଆରଟିଓଙ୍କୁ ହସ୍ତାନ୍ତର କରାଯାଇଛି। ୩ ମାସ ପର୍ଯ୍ୟନ୍ତ ଉକ୍ତ ଲାଇସେନ୍ସକୁ ବାତିଲ କରାଯିବ। ମାସ୍କ ନ ପିନ୍ଧି ଗାଡି ଚଳାଉଥିବା ଅଭିଯୋଗରେ ୩ ହଜାର ଟଙ୍କା ଆଦାୟ ହୋଇଛି।

### ନିତାଇଚାନ୍ଦ କଂଗ୍ରେସ ଜିଲା ଆଇନ ସେଲ୍ ଅଧ୍ୟକ୍ଷ

**ଯାଜପୁର ଟାଉନ,୪।୧୨(ଡି.ଏନ.ଏ.):** ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଯାଜପୁର ଜିଲା କଂଗ୍ରେସ ଆଇନ ସେଲ୍‌ର ଅଧ୍ୟକ୍ଷ ଭାବେ ଆଇନଜୀବୀ ନିତାଇଚାନ୍ଦ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ମହାନ୍ତି ମନୋନୀତ ହେବାପରେ ଜିଲାର ଆଇନଜୀବୀମାନେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ତାଙ୍କୁ ମନୋନୀତ କରାଯାଇଥିବାରୁ ସେ ପିସିସି ସଭାପତି ପଟ୍ଟନାୟକ, ପ୍ରାକ୍ତନ ରାଜ୍ୟସଭା ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ଜ୍ଞାନେନ୍ଦ୍ର ବେହୁରା, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ମୁକ୍ତେଶ୍ୱର ଜିଲା ସମ୍ପାଦକ, ଲେନିନ ବ୍ଲକ ଛାତ୍ର ବିଜେଡି ସଭାପତି

**ବିଞ୍ଝାରପୁର,୪।୧୨(ଡି.ଏନ.ଏ.):** ଯାଜପୁର ଜିଲା ଛାତ୍ର ବିଜେଡି ସଙ୍ଗଠନରେ ପରିବର୍ତ୍ତନ କରାଯାଇଛି। ବିଞ୍ଝାରପୁର ବ୍ଲକ ଛାତ୍ର ଜନତା ଦଳ ସଭାପତି ଭାବେ ଲେନିନ୍ ଦାସଙ୍କୁ ମନୋନୀତ କରାଯାଇଛି। ଜିଲା ଛାତ୍ର ବିଜେଡିର ସମ୍ପାଦକଭାବେ ମୁକ୍ତେଶ୍ୱର ସାମଲଙ୍କୁ ମନୋନୀତ ହୋଇଛନ୍ତି। ଏହା ଜଣାପଡିବା ପରେ ବିଭିନ୍ନ ମହଲରୁ ଦାସ ଓ ସାମଲଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଛାତ୍ର ସଂଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଯାଜପୁର ଜିଲା ପାଇଁ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ସରପଞ୍ଚ ରାମଚନ୍ଦ୍ର ବେହେରା, ଯୁବ ବିଜେଡି ବ୍ଲକ ସଭାପତି ଦିଲୀପ କୁମାର ରାଉଳ ପ୍ରମୁଖ ଦାସଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଦାସ ମୁଖ୍ୟମନ୍ତ୍ରୀ, ବିଧାୟିକା ପ୍ରମିଳା ମଲ୍ଲିକ ଓ ଜିଲା ସଭାପତି ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାକୁ ସେ ସୁଚାରୁ ରୂପେ ସମ୍ପାଦନ କରିବେ ବୋଲି କହିଛନ୍ତି।

### ଶାଗୁଆନ ଲଗ୍ ଚୋରି: ୨ ଗିରଫ

**ନୟାଗଡ଼ ଅଫିସ,୪।୧୨:** ନୟାଗଡ଼ ଜିଲା ପଞ୍ଚରିଡା ରେଞ୍ଜର ଗଡଓସ୍ତିଆ ଜଙ୍ଗଲରୁ ଶୁକ୍ରବାର ଶାଗୁଆନ ଲଗ୍ ଚୋରିକରି ୨ଜଣ ଗିରଫ ହୋଇଛନ୍ତି। ପଞ୍ଚରିଡା ବନ ବିଭାଗ ପକ୍ଷରୁ ଟିକରପଲ୍ଲୀ ଗାଁର କିଶୋର ନାୟକ(୫୦) ଓ ପ୍ରହଲାଦ ନାୟକ(୩୫)ଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ୧୭ ସିଏଫ୍‌ଟି ଶାଗୁଆନ ଲଗ୍ ଜବତ ହୋଇଛି। ଏ ନେଇ ବିଭାଗ ପକ୍ଷରୁ ୩୬/୨୦-୨୧ରେ ମାମଲା ରୁଜୁ କରାଯାଇଛି। ଓଡଗାଁ ରେଞ୍ଜ ପକ୍ଷରୁ କାଠ ଜବତ ସହ ୨ଜଣଙ୍କୁ ଅଟକ ରଖାଯାଇ ପଞ୍ଚରିଡା ରେଞ୍ଜକୁ ହସ୍ତାନ୍ତର କରାଯାଇଥିଲା।

# ସରପଞ୍ଚଙ୍କ ବିରୋଧରେ ବିଡିଓଙ୍କୁ ଅଭିଯୋଗ



ବିଡିଓଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ମହିଳା

**ରସୁଲପୁର,୪।୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତରେ ବିଭିନ୍ନ ଯୋଜନାର ଅନିୟମିତତା ହେଉଛି। ଫଳରେ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ନେଇ କେତେଜଣ ମହିଳା ସରପଞ୍ଚଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ସରପଞ୍ଚ ଭାରତୀ ନାୟକଙ୍କ ସ୍ୱାମୀ ଅଭିଯୋଗପତ୍ରକୁ ଗ୍ରହଣ କରିବା ବଦଳରେ ଚିରିଦେଇଥିଲେ ବୋଲି ମହିଳାମାନେ ଶୁକ୍ରବାର ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ପଞ୍ଚାୟତରେ ମୋ ବଗିଚା ଯୋଜନାରେ ଅନେକ ଲୋକଙ୍କୁ ସାମିଲ କରାଯାଉନାହିଁ। ପାଇଖାନା ନିର୍ମାଣର ସହାୟତା ମିଳୁନାହିଁ। ଆବାସ ଯୋଜନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଘର ପ୍ରଦାନ କରାଯାଉ ନାହିଁ। ବନ୍ୟାରେ ପାଣି ଘେରରେ ଥିବା ପରିବାରକୁ ରିଲିଫ ମିଳିନାହିଁ। ବାର୍ଦ୍ଧକ୍ୟ ଭତ୍ତା ଓ ମୋ ଗୁହାଳ ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ଏହାକୁ ନେଇ ମଞ୍ଜୁଲତା ସାମଲ, ରଶ୍ମିତା ସାମଲ, କେତକୀ ସାମଲ, ରଞ୍ଜିତ ବିଶ୍ୱାଳ, ସୁଷମା ବିଶ୍ୱାଳଙ୍କ ସମେତ ବହୁ ମହିଳା ସରପଞ୍ଚଙ୍କ ନିକଟକୁ ଯାଇଥିଲେ। ମାତ୍ର ସେଠାରେ ସରପଞ୍ଚଙ୍କ ସ୍ୱାମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ ବୋଲି ବିଡିଓଙ୍କୁ ଜଣାଇଛନ୍ତି। ସରପଞ୍ଚ ନାୟକ କହିଛନ୍ତି, ଅଭିଯୋଗର ସତ୍ୟତା ନାହିଁ। ମୋ ବଗିଚା ଯୋଜନାରେ ୨୫୦ ଜଣଙ୍କୁ ଚୟନ କରାଯାଇଥିଲା। ମାତ୍ର ଟାର୍ଗେଟ ଆସିଲା ବେଳକୁ ପଞ୍ଚାୟତ ପିଛା ୫୦ଟି ଆସିଛି। ତେଣୁ ମୋ ବଗିଚା ସୁବିଧା ସମସ୍ତଙ୍କୁ କିପରି ମିଳିବ ବୋଲି ସେ ମତ ରଖିଛନ୍ତି।

## ବନ୍ୟା କ୍ଷୟକ୍ଷତି ମିଳି ନ ଥିବାରୁ ଚାଷୀ ଅସନ୍ତୋଷ

**ରାଜକନିକା,୪।୧୨(ଡି.ଏନ.ଏ.):** ରାଜକନିକା ବ୍ଲକ ସିହୋପଡା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ପଶ୍ଚିମକନିକା କୃଷକ ମଞ୍ଚର ବୈଠକରେ ଚାଷୀ ଚନ୍ଦ୍ରଭାନୁ ନାୟକ ଅଧ୍ୟକ୍ଷତା କରିଥିଲେ। ବନ୍ୟାରେ ପଞ୍ଚାୟତର ୫ ଶହ ଏକର ଫସଲ ଉଜୁଡି ଯାଇଥିଲା। କୃଷି ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର୍ ଆସୋସିଏଶନର ନୂଆ କର୍ମକର୍ତ୍ତା

**ଯାଜପୁର ଟାଉନ, ୪।୧୨(ଡି.ଏନ.ଏ.)**

ଯାଜପୁର ଡିଷ୍ଟ୍ରିକ୍ଟ କ୍ରିମିନାଲବାର ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ୨୦୨୦-୨୧ ବର୍ଷ ପାଇଁ ଏହି ନିର୍ବାଚନ କରାଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ଆଇନଜୀବୀ ପ୍ରଦୀପ୍ତ କୁମାର ପଣ୍ଡା ସଭାପତି, କିଶୋର ଚନ୍ଦ୍ର କର ସମ୍ପାଦକ, ପ୍ରଶାନ୍ତ କୁମାର ଦାଶ ଉପସଭାପତି, ଅଶ୍ୱନୀ କୁମାର ମହାନ୍ତି, ମନୋଜ କୁମାର ମହାନ୍ତିଙ୍କୁ ସହସମ୍ପାଦକ ଓ ଅଜୟ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏଥି ସହିତ ୭ଜଣଙ୍କୁ କାର୍ଯ୍ୟକାରୀ ସଭ୍ୟଭାବେ ମନୋନୀତ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ଯଜାତିକେଶରୀ ପଣ୍ଡା ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ତହସିଲ ଅଫିସ ଘେରିଲେ ଚାଷୀ

**ଚଣ୍ଡିଖୋଲ,୪।୧୨(ଡି.ଏନ.ଏ.)**

**୯ ରାଜସ୍ୱ ଗ୍ରାମର ଜମିଜମା ରେକର୍ଡ ସଂଶୋଧନ ଦାବି**

ଯାଜପୁର ଜିଲା ଦର୍ପଣ ତହସିଲର ୯ ରାଜସ୍ୱ ଗ୍ରାମ ୧୯୨୮-୨୯ ପରେ ରେକର୍ଡ ସଂଶୋଧନ ନ ହେବା ଓ ବନ୍ଦୋବସ୍ତ କରାଯିବାକୁ ନେଇ ଶୁକ୍ରବାର ଆଞ୍ଚଳିକ କୃଷକ ସଂଗ୍ରାମ ସମିତି ପକ୍ଷରୁ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ତହସିଲଦାର ବରେଣ୍ୟନ୍ଦୁ ମହାନ୍ତି ଚାଷୀଙ୍କ ଜମିଜମା ରେକର୍ଡ ସଂଶୋଧନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ସେମାନେ ଧାରଣାରୁ ଓହରି ଥିଲେ।

ତହସିଲ ଅଧୀନ ଚାରିନଙ୍ଗଳ, କଳାଶ୍ରୀ, ପଲେଇ, ପତରାଜପୁର, ବରଦା, ମାତକାପୁର, ପଣସୁଧା, ସୁଙ୍ଗୁଡା, ଦର୍ପଣ ଆଦି ୯ଟି ରାଜସ୍ୱ ଗ୍ରାମ ୯୨ ବର୍ଷ ପରେ ବି ଜମିଜମା ସଂକ୍ରାନ୍ତୀୟ ରେକର୍ଡ ସଂଶୋଧନ ହୋଇନାହିଁ। ଏହି ମୌଜାଗୁଡ଼ିକ ବନ୍ଦୋବସ୍ତ କିମ୍ବା ଚକବନ୍ଦୀ ହୋଇ ନ ଥିବାରୁ ଜମି ମାଲିକମାନେ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଜମିର କ୍ରୟ ବିକ୍ରୟ ପରେ ପଟ୍ଟା ନ ମିଳିବାରୁ ଫସଲ ବୀମା କ୍ଷତିପୂରଣ, କୃଷି ଋଣ ଓ ଗୃହ ଋଣ, ଛାତ୍ରୀଛାତ୍ର ବିବିଧ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ପ୍ରତିବାଦରେ ଶତାଧିକ ଚାଷୀ ଧାରଣାରେ ବସିଥିଲେ। କଂଗ୍ରେସ ନେତା ଅଜୟ ସାମଲ, ବରିଷ୍ଠ ଖବରଦାତା ରବି ଦାସ, ଜ୍ଞାନଦେବ ବେହେରା ଓ ଭାଜପା ନେତ୍ରୀ ସୀମନ୍ତିନୀ ଜେନା ଯୋଗଦେଇ ଦାବିକୁ ସମର୍ଥନ କରିଥିଲେ। ଦାବି ପୂରଣ ନ ହେଲେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସମିତି ଆବାହକ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରତିକାନ୍ତ ପ୍ରଧାନ, ତପନ କୁମାର ସାମଲ, ସରୋଜ କୁମାର ଜେନାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଶେଷରେ ଚାଷୀମାନେ ତହସିଲଦାର ମହାନ୍ତିଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।




ଆନ୍ଦୋଳନକାରୀ ଦର୍ପଣ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## 'ବୋଧିଦ୍ରୁମର ଛାଇରୁ ଚିତ୍ର ଚରିତ୍ର' ପାଇବ କଳିଙ୍ଗ ପୁସ୍ତକମେଳା ପୁରସ୍କାର

**ଜଗତ୍‌ସିଂହପୁର ଅଫିସ,୪।୧୨**

ଜଗତ୍‌ସିଂହପୁର ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ନାଟକ 'ବୋଧିଦ୍ରୁମର ଛାଇରୁ ଚିତ୍ର ଚରିତ୍ର' କଳିଙ୍ଗ ପୁସ୍ତକ ମେଳା ପୁରସ୍କାର ୨୦୨୦ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଡିସେମ୍ବର ୮ ରେ ଭୁବନେଶ୍ୱରଠାରେ ଏହି ପୁରସ୍କାର ଦିଆଯିବାକୁ ସ୍ଥିର ହୋଇଛି। ନାଟକର ସଙ୍କଳନରେ ବୋଧିଦ୍ରୁମର ଛାଇ, ଅଧ୍ୟାପକ ଚନ୍ଦ୍ରମୋହନ, ବେସୁରା ସୁର ସଙ୍ଗମ, ଯୁଗେ ଯୁଗେ ଯାଜ୍ଞସେନୀ, ଶେଫାଳି ମହକ, ଭଙ୍ଗା ଦର୍ପଣ ଓ ଚିତ୍ର ଚରିତ୍ର ସ୍ଥାନ ପାଇଛି। ଚଳିତବର୍ଷ ଜୁଲାଇରେ ଉନ୍ମୋଚିତ ଏହି ନାଟକ ସଙ୍କଳନ ଓଡ଼ିଆ ପାଠକଙ୍କ ନିକଟରେ ବିପୁଳ ଆଦୃତି ଲାଭ କରିପାରିଛି।

## ଭାଜପାର ପ୍ରଶିକ୍ଷଣ ଶିବିର

**ରାଜନଗର, ୪।୧୨(ଡି.ଏନ.ଏ.)**

ରାଜନଗର ବ୍ଲକ ଜରିମୂଳସ୍ଥିତ ମା'ମାଟିଆ ମଙ୍ଗଳା ପୀଠରେ ୩୧ନଂ. ଜୋନ ଭାଜପା ପକ୍ଷରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ସୁନାକର ବେହେରା ଶିବିର ଉଦ୍‌ଘାଟନ କରିଥିଲେ। ଏଥିରେ ମଣ୍ଡଳ ସଭାପତି ଦିଲୀପ ରାଉତ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ୩୨ନଂ. ମଣ୍ଡଳ ସଭାପତି ତପନ ମଣ୍ଡଳ, ୩୦ନଂ. ମଣ୍ଡଳ ସଭାପତି ଧୀରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ୮ ଯନ୍ତ୍ରୀଙ୍କ ଦରମା ବନ୍ଦ

**ଯାଜପୁର ଅଫିସ,୪।୧୨**

**ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଦୁର୍ବଳ ପ୍ରଦର୍ଶନ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ଦୁର୍ବଳ ପ୍ରଦର୍ଶନ ଯୋଗୁ ଯାଜପୁର ଜିଲା ବଡ଼ଚଣା ବ୍ଲକର ୮ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏଥିସହ ଡିସେମ୍ବରର ଦରମା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିବା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କହିଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ଶୁକ୍ରବାର ବଡ଼ଚଣା ଗସ୍ତରେ ଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସମୀକ୍ଷା କରିଥିଲେ। ସମୀକ୍ଷାରେ ଲେବର ବଜେଟର ଶତକଡା ୬୨ ଭାଗ ବିନିଯୋଗ ହୋଇଥିବାବେଳେ ଜିଲାରେ ଏହା ୭୬ ଭାଗ ରହିଛି। ରିପୋର୍ଟ ଅନୁସାରେ ୨୦୨୦-୨୧ ବର୍ଷରେ ଶୁକ୍ରବାର ସୁଦ୍ଧା ବଡ଼ଚଣା ବ୍ଲକରେ ଏହି ଯୋଜନାରେ ୩୭,୯୫୭ ପରିବାରର ୬୪,୫୯୦ ଜଣ ପଞ୍ଜୀକୃତ କରିଛନ୍ତି। ସେଥିରୁ ୩୬,୬୪୪ ପରିବାରଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି। ୯୬୫୭ ପରିବାରର ୧୪,୦୮୬ ଜଣ କାମ ପାଇଁ ଡିମାଣ୍ଡ କରିଥିବାବେଳେ ୯୬୪୫ ପରିବାରର ୧୪,୦୬୭ ଲୋକଙ୍କୁ କାମ ଯୋଗାଇ ଦିଆଯାଇଛି। ଏଥିରେ ୧,୬୯,୪୩୪ କର୍ମଦିବସ ସୃଷ୍ଟି ହୋଇଛି। ତେବେ ମାତ୍ର ୩୨ ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ଅନ୍ୟପକ୍ଷେ ୧୧୯ଟି ନିର୍ମାଣାଧୀନ ପ୍ରକଳ୍ପରୁ ସୁଙ୍ଗୁଡା ପଞ୍ଚାୟତରେ ୧ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହି ଆର୍ଥିକ ବର୍ଷରେ ୩୦୫.୮୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ମୋ ଉପକାରୀ ବଗିଚା ଯୋଜନାରେ ବଡ଼ଚଣା ବ୍ଲକକୁ ୨୩୩୧ଟି ମଞ୍ଜୁରୀ ମିଳିଥିବାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୬୭୦ଟି ଆରମ୍ଭ ହୋଇଛି। ସେଥିପାଇଁ ବଡଚଣା ବ୍ଲକର ସହକାରୀ ଯନ୍ତ୍ରୀ ପଦ୍ମନାଭ ରାଉତ, କନିଷ୍ଠ ଯନ୍ତ୍ରୀ କମଳଲୋଚନ ରାଜ, ରାମପ୍ରସାଦ କାଲୋ, ଶ୍ରଦ୍ଧାଞ୍ଜଳି ମହାନ୍ତି, ସନ୍ତୋଷ ମହାନ୍ତି, ହିମାଂଶୁ ମହାନ୍ତି, ନିରୋଦ କୁମାର ସେଠୀ ଓ ସନ୍ତୋଷୀ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ଧୂଆଁ ଯୋଗୁ ଲୋକେ ଅଣନିଃଶ୍ୱାସୀ

**ପଟ୍ଟାମୁଣ୍ଡାଇ,୪।୧୨(ସ୍ୱ.ପ୍ର.)**

- ପଟ୍ଟାମୁଣ୍ଡାଇରେ ଇଟା ମାଫିଆଙ୍କ ରାଜୁତି
- ପୋତା ଗୋବରୀ ନଦୀରେ ଜଳୁଛି ଇଟାଭାଟି



ପୋତା ଗୋବରୀ ନଦୀରେ ଇଟାଭାଟି ପୋଡା ଚାଲିଛି।

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ଇଟା ମାଫିଆଙ୍କ ରାଜୁତି ଚାଲିଛି। ଇଟାଭାଟି ପୋଡା ଯୋଗୁ ଧୂଆଁ ବାହାରି ବାୟୁ ପ୍ରଦୂଷଣ ବଢିବାରେ ଲାଗିଛି। ଧୂଆଁ ଯୋଗୁ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ତହସିଲ ଅଞ୍ଚଳରେ ଥିବା ମାଟିଆପାଳ ୩୨ ଏକର ସରକାରୀ ଅନାବାଦିରୁ ମାଫିଆମାନେ ବେଆଇନ ଭାବେ ମାଟି ଖୋଳି ଇଟା ପକାଉଛନ୍ତି। ପାଖରେ ବହି ଯାଉଥିବା ପୋତା ଗୋବରୀ ନଦୀରେ ଇଟା ପୋଡା ଚାଲିଛି। ଚଳିତବର୍ଷରେ ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ୩୬ଟି ସ୍ଥାନରେ ଇଟା ପକା ଯାଉଥିବା ଜଣାପଡିଛି। ୭ ବର୍ଷ ହେଲା ସରକାରୀ ଜମି, ଅନାବାଦି, ଗୋଚର, ଖେଳପଡିଆ ଆଦି ଖାଲି ପଡିଥିବା ସ୍ଥାନ ଉପରେ ଇଟା ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ସ୍ଥାନୀୟ ତହସିଲଦାର, ଆର୍‌ଆଇ ଓ ପୋଲିସ ବେଆଇନ କାମ ଚାଲିଥିବା ବେଳେ କୌଣସି ପଦକ୍ଷେପ ନେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ଲୋକେ ପକ୍କା ଘର ନିର୍ମାଣ ପାଇଁ ବ୍ୟସ୍ତ ହୋଇ ପଡୁଥିବା ବେଳେ ଇଟା ମାଫିଆମାନେ ଏହାର ଫାଇଦା ନେଉଛନ୍ତି। ଚଡା ଦାମରେ ଇଟା ବିକ୍ରି କରି ଚାଲିଛନ୍ତି। ତହସିଲ ଅଞ୍ଚଳରେ ଥିବା ରାଜସ୍ୱ ନିରୀକ୍ଷକ ଓ ସହକାରୀ ନିରୀକ୍ଷକମାନେ ସବୁ ଦେଖି ଚୁପ ରହୁଛନ୍ତି। ଏ ସମ୍ପର୍କରେ ତହସିଲଦାର ଶରତ କୁମାର ଗିରିଙ୍କୁ ପଚାରିବାରେ ବେଆଇନ ଭାବେ ପୋଡା ଯାଉଥିବା ଇଟାଭାଟି ଉପରେ ଚଢାଉ କରିବାକୁ ରାଜସ୍ୱ ନିରୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ବୁଲି ତନଖି କରୁଛନ୍ତି। ବେଆଇନ ଭାବେ ପୋଡୁଥିବା ଇଟା ମାଫିଆ ଖସି ଯାଇପାରିବେ ନାହିଁ ବୋଲି ସେ କହିଛନ୍ତି। ଇଟା ଭାଟି ପୋଡାକୁ ନେଇ ୨୦୧୭-୧୮ ଆର୍ଥିକ ବର୍ଷରେ ମାଲିକଙ୍କଠାରୁ ୪ ଲକ୍ଷ ୭୦ ହଜାର ରାଜସ୍ୱ ଆଦାୟ କରାଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ୪ ଲକ୍ଷ ୫୦ ହଜାର ରାଜସ୍ୱ ଆଦାୟ ହୋଇଥିବା ତହସିଲ ସୂତ୍ରରୁ ଜଣାପଡ଼ିଛି। ଇଟାଭାଟି ପୋଡା ବନ୍ଦ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଇଟାଭାଟି ଧୂଆଁରେ ଫସଲ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ ଉଠାଇ କ୍ଷତିପୂରଣ ଦାବି କରିଛନ୍ତି। ଇଟା ନ ପୋଡିବାକୁ ତହସିଲର ବିଭିନ୍ନ ଗ୍ରାମର ଲୋକେ ଦାବି କରିଛନ୍ତି।

